**କେନ୍ଦୁଝର : ବିପ୍ଲବୀ ଧରଣୀଧରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ :**

**ବିପ୍ଲବୀ ଧରଣୀଧର ଗର୍ବ ଓ ଗୌରବର ପ୍ରତୀକ :**

**ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ହେବ ଆଦର୍ଶ ଗ୍ରାମ :**

**ରାଇସୁଆଁ-କୁସୁମିତା ରାସ୍ତା ବିପ୍ଳବୀ ଧରଣୀଧରଙ୍କ ନାମରେ ନାମିତ ହେଲା**

କେନ୍ଦୁଝର, ତା ୦୫.୦୫. ମହାନ ବିପ୍ଳବୀ ଧରଣୀଧରଙ୍କ **୧୫୯** ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ତା **୦୫.୦୫.୨୦୨୩** ରିଖ ଶୁକ୍ରବାର ଦିନ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓ ଭୂୟାଁ ସାଂସ୍କୃତିକ ସଂଗଠନ, କେନ୍ଦୁଝର ଏବଂ ଧରଣୀଧର ଆଂଚଳିକ ବିକାଶ ପରିଷଦ କୁସୁମିତା ସହଯୋଗରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଗ୍ରାମ (ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଉପର କୁସୁମିତା)ଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି କେନ୍ଦୁଝରର ଅଧକ୍ଷ ଜଗନ୍ନାଥ ନାଏକ ଉଦ୍‌ବୋଧନ ଦେଇ ବିପ୍ଳବୀ ଧରଣୀଧର ଜିଲ୍ଲା ବାହାରେ କେନ୍ଦୁଝର ଜିଲ୍ଲାର ଗର୍ବ ଓ ଗୌରବ, ସ୍ପର୍ଦ୍ଧା ଓ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ । ଧରଣୀଧର ଜୟନ୍ତୀ ପାଳନକୁ ପୂଜ୍ୟ ପୂଜାର ମହାନ୍ ପରଂପରା ଭାବେ ଅଭିହିତ କରି ବିପ୍ଳବୀ ଧରଣୀଧରଙ୍କ ତ୍ୟାଗ, ତିତିକ୍ଷା, ସଂଗ୍ରାମ, ଆଦର୍ଶ, ବ୍ୟକ୍ତିତ୍ୱ ଓ ନେତୃତ୍ୱ ସବୁବେଳେ ପ୍ରେରଣା ଯୋଗାଉଥିବ ବୋଲି ମତବ୍ୟକ୍ତ କରିଥିଲେ । ଇଂରେଜ୍ ସମର୍ଥିତ ରାଜତନ୍ତ୍ରର ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଧରଣୀଧରଙ୍କ ସଂଗ୍ରାମ ଭାରତ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା । କେନ୍ଦୁଝର ଜିଲ୍ଲାରେ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନା ଏବଂ ଜିଲ୍ଲା ପ୍ରଶାସନ ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇ ଏହାର ସୁଫଳ ନେବା ସହିତ କେନ୍ଦୁଝର ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବାପାଇଁ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଆହ୍ୱାନ ଜଣାଇଥିଲେ । ଏତଦ୍‌ବ୍ୟତୀତ କୁସୁମିତା ଗ୍ରାମର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ, କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, କେନ୍ଦୁଝର ସଦର ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ଜ୍ୟୋତିର୍ମୟୀ ନାଏକ ବକ୍ତବ୍ୟ ପ୍ରଦାନ କରି ଧରଣୀଧରଙ୍କୁ ଅତ୍ୟାଚାରିତ ସମାଜର ତ୍ରାଣକର୍ତ୍ତା ଭାବେ ବର୍ଣ୍ଣନା କରିବା ସହିତ ଇଂରେଜ୍ ସମର୍ଥିତ ରାଜତନ୍ତ୍ରର ଅନ୍ୟାୟ, ଅନୀତି, ବେଠି, ବ୍ୟଭିଚାର ଏବଂ ପ୍ରଜାବିରୋଧି ଶାସନ ବିରୋଧରେ କିପରି ଆଦିବାସୀମାନଙ୍କୁ ସଂଗଠିତ କରି ବିପ୍ଳବ କରିଥିଲେ ତାହା ଅବତାରଣା କରିଥିଲେ । ବିପ୍ଳବୀ ଧରଣୀଧରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ତାଙ୍କର କୃତୀକୁ ସ୍ମରଣ କରିବା ସହିତ ଧରଣୀଧରଙ୍କ ଆଦର୍ଶକୁ ପାଥେୟ କରି କାର୍ଯ୍ୟ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ । କେନ୍ଦୁଝର ଜିଲ୍ଲାରେ ଉପଲବ୍ଧ ସମ୍ବଳର ସଦୁପଯୋକରି ଜିଲ୍ଲାକୁ ଏକ ସମୃଦ୍ଧଶାଳୀ ଜିଲ୍ଲାରେ ପରିଣତ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ଏତଦବ୍ୟତୀତ ବିପ୍ଳବୀ ଧରଣୀଧରଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ରାଜ୍ୟ ସରକାର ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ନେଉଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ଜନଜାତିମାନଙ୍କର ବିକାଶ ସହିତ ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଅଂଚଳର ସାମଗ୍ରିକ ବିକାଶ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

ଜିଲ୍ଲାପାଳ ଆଶିଷ ଠାକରେ ନିଜ ଅଭିଭାଷଣରେ ଧରଣୀଧରଙ୍କ କୃତୀ ଓ କୀର୍ତ୍ତି ଚିରଦିନ ପାଇଁ ଇତିହାସରେ ଲିପିବଦ୍ଧ ହୋଇ ରହିବ ବୋଲି କହିବା ସହିତ ଧରଣୀଧରଙ୍କ ସ୍ୱାଭିମାନ ଓ ତାଙ୍କ ଆଦର୍ଶର ଗାରିମା ଉପରେ ଆଲୋକପାତ କରିଥିଲେ । ବିପ୍ଳବୀ ଧରଣୀଧରଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ସରକାରଙ୍କ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ ଜିଲ୍ଲା ପ୍ରଶାସନ ତରଫରୁ ହାତକୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ସହିତ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାବାସୀଙ୍କ ସକ୍ରିୟ

ସହଯୋଗ କାମନା କରିଥିଲେ । ବିଶେଷତଃ ଜିଲ୍ଲାର ଜନଜାତି ବର୍ଗର ଜନସାଧାରଣ, ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କର ବିକାଶ,ଶିକ୍ଷାନୁଷ୍ଠାନମାନଙ୍କର ବିକାଶ, ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଅଂଚଳର ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । କୁସୁମିତା ଗ୍ରାମର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ଡି.ଏମ୍.ଏଫ୍. ସହଯୋଗରେ ରାଇସୁଆଁଠାରୁ କୁସୁମିତା ପର୍ଯ୍ୟନ୍ତ ରାସ୍ତାକୁ ପାହାଡ କାଟି ସୁନ୍ଦର ରାସ୍ତାର ନିର୍ମାଣ କରାଯାଇଛି । ଏହି ରାସ୍ତାକୁ ବିପ୍ଳବୀ ଧରଣୀଧରଙ୍କ ନାମରେ ନାମିତ କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ । କୁସୁମିତା ଗ୍ରାମରେ ଏକ ପ୍ରମୋଦ ଉଦ୍ୟାନର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପରିଚାଳିତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ୫-ଟି ଉପକ୍ରମରେ କରାଯାଇଛି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଅତିଶିଘ୍ର ଶେଷ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଏତଦ୍‌ବ୍ୟତୀତ କୁସୁମିତାଠାରେ ମୋବାଇଲ୍ ନେଟ୍‌ୱାର୍କ୍ ବ୍ୟବସ୍ଥା ଅତିଶୀଘ୍ର ଉପଲବ୍ଧ ହେବ । ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । କୁସୁମିତା ଗ୍ରାମର ସାମଗ୍ରିକ ବିକାଶ କରାଯାଇ ଏହାକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ବିପ୍ଳବୀ ଧରଣୀଧରଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ଏହି ସମାରୋହରେ ଭୂୟାଁ ସାଂସ୍କୃତିକ ସଂଗଠନ କେନ୍ଦୁଝରର ସଭାପତି ହରିଶଙ୍କର ନାଏକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ  ସାଧାରଣ ସଂପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ଉପସ୍ଥାପନ କରିଥିଲେ । ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ସମାରୋହର ସଂଚାଳନା କରିଥିଲେ । ପି.ଏ.,ଆଇ.ଟି.ଡିଏ., କେନ୍ଦୁଝର ତପନ କୁମାର ନାଏକ ନିଜ ବିଭାଗର କାର୍ଯ୍ୟାବଳୀ ସଂପର୍କରେ ସୂଚନା ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଡି.ଏଫ୍.ଓ. ଧନରାଜ ଏଚ୍.ଡି., ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଭୂୟାଁ ସର୍ଦ୍ଦାର କୁଞ୍ଜ ଦେହୁରୀ, ଧରଣୀଧର ଆଂଚଳିକ ବିକାଶ ସମିତିର ସଭାପତି ନିଶାକର ନାଏକ ଏବଂ ବିପ୍ଳବୀ ଧରଣୀଧରଙ୍କ ଦାୟାଦ ଭୂୟାଁ ସର୍ଦ୍ଦାର କଳାକାର ନାଏକ ମଂଚାସୀନ ଥିଲେ ।

ଧରଣୀଧରଙ୍କ ଜୀବନାଦର୍ଶର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଂଶପାଳ ଗ୍ରାମ ଅର୍ନ୍ତଗତ କୁଶକଳା ଗ୍ରାମର ସ୍ୱର୍ଗତ ଅନ୍ଧାରୁ ପ୍ରଧାନଙ୍କୁ ମରଣତୋର ଭାବେ "ଧରଣୀଧର ସମ୍ମାନ" ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ପ୍ରଧାନଙ୍କ ଧର୍ମପତ୍ନୀ ଶ୍ରୀମତୀ ଅପର୍ଣ୍ଣା ନାଏକ ଏହି ସମ୍ମାନ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା / ଉତ୍କର୍ଷତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତି ବିଶେଷ, ଅନୁଷ୍ଠାନ, ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୨ ମସିହା ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜନଜାତି ବର୍ଗର ଛାତ୍ରଛାତ୍ରୀ, ଭୂୟାଁ ବର୍ଗର ଛାତ୍ରଛାତ୍ରୀ, +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ୫ ଜଣ ଅଗ୍ରଣୀ ଚାଷୀ, ଜଣେ ଉଦ୍ୟୋଗୀ, ୦୬ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଡି.ପି.ଏମ୍. ମିଶନ ଶକ୍ତି ଶିଶିର ଷଡଙ୍ଗୀ, ଭୂୟାଁ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଏବଂ ଧରଣୀଧର ଆଂଚଳିକ ବିକାଶ ପରିଷଦ, କୁସୁମିତାର କର୍ମକର୍ତ୍ତା ସମାରୋହ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ବିପ୍ଳବୀ ଧରଣୀଧର ଜୟନ୍ତୀ ପାଳନ ଅବସରରେ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିପ୍ଳବୀ ଧରଣୀଧର ଜୟନ୍ତୀ ପାଳନ ଅବସରରେ ରାଇସୁଆଁ-କୁସୁମିତା ପୂର୍ତ୍ତବିଭାଗ ରାସ୍ତାକୁ "ବିପ୍ଳବୀ ଧରଣୀଧର ମାର୍ଗ" ନାମରେ ନାମିତ କରାଯାଇ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା ।

ସ୍ୱାଃ/- 5/5/2023

ଉପ ନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର